## ଊ.ପା ସମୟ ଅବଧି ମଧ୍ୟରେ ରାଜ୍ୟସଭା

ତା.୨୩.୦୨.୨୦୧୪

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ଗତ ଅଧିବେଶନ ଊ.ପା ସରକାରଙ୍କର ଶେଷ ଅଧିବେଶନ । ଯେଉଁଠି ମୁଁ ଗତ ୫ ବର୍ଷ ଧରି ବିରୋଧୀ ଦଳର ନେତା ଭାବରେ ବି.ଜେ.ପି ଦଳ ତରଫରୁ ବହୁ ଗୁରୁତ୍ୱପୂର୍ଣ୍ଣ ତର୍କ ବିତର୍କରେ ଭୂମିକା ଗ୍ରହଣ କରିଆସୁଛି । ହେଲେ ବିଶୃଙ୍ଖଳା ସୃଷ୍ଟି ହୋଇଥିବା ହେତୁ ବହୁ ମୂଲ୍ୟବାନ ସମୟର ଅପବ୍ୟୟ ହୋଇଥିବା ହେତୁ ମଧ୍ୟ ମୁଁ ଦୁଃଖିତ ।

ଟୁ-ଜି ସ୍ପେକ୍ଟ୍ରମ ଆବଣ୍ଟନ ନେଇ ୨୦୦୯ ମସିହାର ବର୍ଷା କଳୀନ ଅଧିବେଶନରେ ଦୀର୍ଘ ୩ ଦିନ ଧରି ଆଲୋଚନା ଚାଲିଥିଲା । ଟେଲିକମ ମନ୍ତ୍ରୀ ଏ.ରାଜା ନିଜକୁ ବଞ୍ଚାଇବା ପାଇଁ ମଧ୍ୟ ଯତ୍ପର ନାସ୍ତି ପ୍ରଚେଷ୍ଟା କରିଥିଲେ ଓ ବହୁ ଅଜଣା ତଥ୍ୟ ସି.ବି.ଆଇ ର ହସ୍ତଗତ ହୋଇଥିଲା ।

ସେହିପରି ପ୍ରଧାନମନ୍ତ୍ରୀ ପାକିସ୍ତାନର ପ୍ରଧାନମନ୍ତ୍ରୀଙ୍କ ସହ ଭାରତରେ ହେଉଥିବା ଉଗ୍ରବାଦ କାର୍ଯ୍ୟକଳାପ ନେଇ ସରମ-ଏଲ-ଶେଖଠାରେ ଯେଉଁ ଆଲୋଚନା କରିଥିଲେ ସେଥି ସମ୍ପର୍କରେ ରାଜ୍ୟସଭାରେ ଆଲୋଚନା କରାଯାଇ ବହୁ ତଥ୍ୟ ସମସ୍ତଙ୍କ ସାମ୍ନାକୁ ଆସିଥିଲା ।

୬.୧୨.୧୯୯୨ ର ଜଷ୍ଟିସ ଲିବରିଆନ କମିଶନର ରିପୋର୍ଟ ନେଇ ମଧ୍ୟ ଉଭୟ ସଦନରେ ଦୀର୍ଘ ସମୟ ଧରି ଆଲୋଚନା ଚାଲିଥିଲା ଓ ବହୁ ପ୍ରଚ୍ଛଦପଟରେ ଥିବା ତଥ୍ୟ ଉଦ୍ଭାସିତ ହୋଇଥିଲା । ଜଷ୍ଟିସ ସୌମିତ୍ର ସେନଙ୍କ ଉପରେ ଲାଗିଥିବା ମହାଭିଯୋଗ ନେଇ ଦୀର୍ଘ ଦୁଇ ଦିନ ତର୍କ ଚାଲିଥିଲା । ଏପରିକି ରାଜ୍ୟସଭା ଏକ କୋର୍ଟ ଓ ତାହାର ସଦସ୍ୟମାନେ ଜଜ ଭଳି ବହୁ ଆଲୋଚନା କରିଥିଲେ । ଶେଷରେ ଉକ୍ତ ଜଜଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ।

ଉ-ପୂ ଭାରତର ମୁଖ୍ୟତଃ ଡୁବ୍ରି ଓ କୋକ୍ରାଝର ଆଦି ଅଞ୍ଚଳର ସାମ୍ପ୍ରଦାୟିକ ସମସ୍ୟା ସମ୍ପର୍କରେ ମଧ୍ୟ ରାଜ୍ୟସଭାରେ ଆଲୋଚନା କରାଯିବା ସହ ଭାରତର ବିଭିନ୍ନ ଅଞ୍ଚଳରେ ସେଠାକାର ଛାତ୍ରମାନଙ୍କ ଉପରେ ହେଉଥିବା ଆକ୍ରମଣ ସମ୍ପର୍କରେ ଆଲୋଚନା କରାଯାଇ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

କମନ ୱେଲ୍‌ଥ ଗେମ, କୋଇଲା ଖଣି ଆବଣ୍ଟନ, ଭି.ଭି.ଆଇ ପି ହେଲିକ୍ୟାପ୍ଟର ତଥା ଲୋକପାଳ ବିଲ ନେଇ ମଧ୍ୟ ଆଲୋଚନା କରାଯାଇଥିଲା । ୨୯.୧୨.୨୦୧୧ର ମଧ୍ୟ ରାତ୍ରିରେ ଏକ ଦୁର୍ବଳ ଓ ଅସ୍ୱଚ୍ଛ ଲୋକପାଳ ବିଲ ବିରୋଧରେ ରାଜ୍ୟସଭାର ବହୁ ସଦସ୍ୟ ବିରୋଧ କରିଥିଲେ । ଫଳରେ ବିଲଟି ରାଜ୍ୟସଭାର ବିବେଚନା କମିଟିକୁ ପଠାଯାଇଥିଲା ଓ ସେଠାରେ ସଂଶୋଧନ କରାଯାଇ ପାରିତ ହୋଇଥିଲା ।

ରାଜ୍ୟସଭାର ଷଷ୍ଠ ବର୍ଷ ପୂର୍ତ୍ତି ଅବସରରେ ଦଳଗତ ରାଜନୀତିଠାରୁ ଉର୍ଦ୍ଧ୍ୱରେ ଉଠି ବିଭିନ୍ନ ପ୍ରକାରର ଆଲୋଚନା କରାଯାଇଥିଲା । ଫଳରେ ସଦସ୍ୟମାନେ ଗଣତନ୍ତ୍ରର ମହତ୍ତ୍ୱକୁ ହୃଦୟଙ୍ଗମ କରିବାକୁ ସମର୍ଥ ହୋଇଥିଲେ । ସାଂସଦଙ୍କୁ ବାରମ୍ବାର କରି ସାକ୍ଷାତ କରି ପ୍ରବର୍ତ୍ତାଉଥିବା ଲୋକଙ୍କ ଫୋନ ଟ୍ୟାପିଂ କରିବା କେତେ ଦୂର ଯଥାର୍ଥ ତାହା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା ।

ଗତ ପାଞ୍ଚ ବର୍ଷ ମଧ୍ୟରେ ଏଠାରେ ମହିଳା ଆରକ୍ଷଣ ବିଲ,ଯାହାକି ଏପର୍ଯ୍ୟନ୍ତ ରାଜ୍ୟସଭାରେ ପାରିତ ହୋଇନାହିଁ, ଲୋକପାଳ ବିଲ, ଆନ୍ଧ୍ର ବିଭାଜନ ବିଲ, ସିଭିଲ ଲିଆବିଲିଟି ଅନ ନ୍ୟୁକ୍ଲିଆର ଡ୍ୟାମେଜ ବିଲ, ଖାଦ୍ୟ ସୁରକ୍ଷା ବିଲ ଓ ନୂତନ ଜମିବାଡ଼ି ବିଲ ଆଦି ପାରିତ ହୋଇଅଛି । ବହୁ ଆଲୋଚନାକୁ ମଧ୍ୟ ବିଭିନ୍ନ ଚ୍ୟାନେଲ ମାଧ୍ୟମରେ ସିଧା ପ୍ରସାରଣ କରାଯାଇଅଛି ।

ରାଜ୍ୟସଭାରେ ପ୍ରାୟତଃ ସମସ୍ତ ତର୍କ ଉପରୋକ୍ତ ଭାବରେ ସମ୍ପାଦିତ ହୁଏ । ଏଠାରେ କିଛି ବ୍ୟକ୍ତିଙ୍କ ମତଭେଦ ଦ୍ୱାରା ଅଧ୍ୟକ୍ଷ ଯେବେ ଉତ୍ତେଜିତ ହୋଇଯାଆନ୍ତି ଏହାକୁ ଅରାଜକତାର ସଙ୍ଘ ବୋଲି ମଧ୍ୟ ଟିପ୍ପଣୀ ଦେଇଥାଆନ୍ତି । ଯାହାକୁ ଶୁଣି ବହୁ ସଦସ୍ୟ ମୌନ ଥିବା ବେଳେ କେହି ମଧ୍ୟ ଆଶ୍ଚର୍ଯ୍ୟକର ଭାବରେ ଅରାଜକତାର ସଙ୍ଘ ଗଠନ ସମ୍ଭବପର କି ବୋଲି ପ୍ରଶ୍ନ କରନ୍ତି । ସେ ଯାହା ହେଉନା କାହିଁକି ରାଜ୍ୟସଭା ଏପରି ଏକ ସ୍ଥଳ ଯେଉଁଠି ସମସ୍ତ ପ୍ରକାର ଘଟଣାର ସ୍ପଷ୍ଟ ଆଲୋଚନା କରାଯିବାର ସୁଯୋଗ ମିଳେ ।